# NATIONAL NEWS BULLETIN (ODIA)

## 19 January-2025

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ।
- ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ଆସନ୍ତାକାଲି ହେଉଛି ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିବସ ।
- ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ବିକଶିତ ଓଡ଼ିଶା ଗଠନ ଦିଗରେ ସୁଦୃଢ଼ ଭିତ୍ତିଭୂମି ପ୍ରଦାନ କରିଛି - କହିଲେ ମୁଖ୍ୟମନ୍ତ୍ରୀ ।
- ତେହରାନ ସୁପ୍ରିମକୋର୍ଟ ଗୁଳିକାଣ୍ଡରେ ୨ଜଣ ବିଚାରପତିଙ୍କ ମୃତ୍ୟୁ ।

ଏବଂ

- ଖୋଖୋ ବିଶ୍ୱକପ୍ ପ୍ରତିଯୋଗିତାର ଉଭୟ ପୁରୁଷ ଏବଂ ମହିଳା ବର୍ଗ ଫାଇନାଲରେ ଭାରତ-ନେପାଳ ମୁକାବିଲା ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ତାଙ୍କର ୧୧୮ତମ ମନ କି ବାତ୍ କାର୍ଯ୍ୟକ୍ରମ ହେବ । ମନ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟଓ୍ୱର୍କ, ଆକାଶବାଣୀ ଓ୍ୱେବ୍‌ସାଇଟ୍ ଓ Newsonair  ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧାପ୍ରସାରଣ  ହେବ । ହିନ୍ଦୀ ପ୍ରସାରଣ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## ଅମିତ ଶାହା-ଆନ୍ତଃ ମନ୍ତ୍ରଣାଳୟ ଟିମ୍

ଜାମ୍ମୁର ରାଜୋରି ଜିଲ୍ଲାର କେତେକ ଗାଁରେ ଲୋକଙ୍କ ମୃତ୍ୟୁର କାରଣ ଜାଣିବା ପାଇଁ ଏକ ଆନ୍ତଃ ମନ୍ତ୍ରାଳୟ ଟିମ୍ ଗଠିତ ହୋଇଛି । ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ  ନିର୍ଦ୍ଦେଶରେ ଏହି ଟିମ୍ ଗଠନ

କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନେତୃତ୍ୱରେ ଏହି ଟିମ୍‌ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, କୃଷି ମନ୍ତ୍ରଣାଳୟ, ରସାୟନ ଓ ସାର ମନ୍ତ୍ରଣାଳୟ, ଜଳସମ୍ପଦ ମନ୍ତ୍ରଣାଳୟ ବିଶେଷଜ୍ଞ ସଦସ୍ୟ ଅଛନ୍ତି । ପ୍ରଭାବିତ ଅଞ୍ଚଳକୁ ଏହି ଆନ୍ତଃ ମନ୍ତ୍ରଣାଳୟ ଟିମ୍ ଆଜି ଗସ୍ତ କରି ପରିସ୍ଥିତିର ସମୀକ୍ଷା କରିବେ । ପଶୁପାଳନ, ଖାଦ୍ୟ ନିରାପତ୍ତା ଏବଂ ଫରେନ୍ସିକ୍ ସାଇନ୍ସ ଲ୍ୟାବ୍‌ର ବିଶେଷଜ୍ଞ ସେମାନଙ୍କୁ ସହଯୋଗ ପ୍ରଦାନ କରିବେ । ସ୍ଥାନୀୟ ପ୍ରଶାସନ ସହଯୋଗରେ ଏହି ଟିମ୍ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହଯୋଗ ପ୍ରଦାନ କରିବା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ପଦକ୍ଷେପ ଗ୍ରହଣ କରିବା ଦିଗରେ କାର୍ଯ୍ୟ କରିବ । ସୂଚନାଯୋଗ୍ୟ ରାଜୋରି ଜିଲ୍ଲାର କେତେକ ଅଞ୍ଚଳରେ ଗତ ୬ ସପ୍ତାହ ମଧ୍ୟରେ ୩ଟି ମୃତ୍ୟୁ ଘଟଣା ନେଇ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

## ଦିଲ୍ଲୀ-ଇଲେକ୍‌ସନ୍

ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ନାମାଙ୍କନପତ୍ର ପ୍ରତ୍ୟାହାରର ଆସନ୍ତା କାଲି ହେଉଛି ଶେଷ ଦିବସ । ଗତକାଲିଠାରୁ ନାମାଙ୍ଗନ ପତ୍ର ଯାଞ୍ଚ ପ୍ରକ୍ରିୟା ଚାଲିଛି । ୭୦ ଆସନ ବିଶିଷ୍ଟ ବିଧାନସଭା ଲାଗି ୧ ହଜାର

୫୨୧ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ନିର୍ବାଚନ ଆୟୋଗଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ନୂଆଦିଲ୍ଲୀ ବିଧାନସଭା ଆସନ ଲାଗି ସର୍ବାଧିକ ନାମାଙ୍କନପତ୍ର ଦାଖଲ ହୋଇଛି । ଏହି ଆସନ ଲାଗି ୨୯ଜଣ ପ୍ରାର୍ଥୀ ୪୦ଟି ନାମାଙ୍କନପତ୍ର ଦାଖଲ କରିଛନ୍ତି । ଆମ୍ ଆଦ୍‌ମୀ ପାର୍ଟିର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜରିୱାଲ, ବିଜେପିର ପରବେଶ ବର୍ମା ଏବଂ କଂଗ୍ରେସର ସନ୍ଦୀପ ଦୀକ୍ଷିତ୍ ଏହି ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେହିଭଳି କାଲକାଜି ଆସନରୁ ୧୮ଜଣ ପ୍ରାର୍ଥୀ ୨୮ଟି ନାମାଙ୍କନପତ୍ର ଦାଖଲ କରିଛନ୍ତି । ଏହି ଆସନରୁ ଲଢୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ଆତିସୀ, ବିଜେପିର ରମେଶ ବିଧୁରୀ ଏବଂ କଂଗ୍ରେସର ଅଲ୍‌କା ଲାମ୍ବା ଅଛନ୍ତି ।

ଆସନ୍ତାମାସ ୫ ତାରିଖ ଦିନ ଦିଲ୍ଲୀ ବିଧାନସଭା ଲାଗି ଏକକ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବା ସହ ୮ ତାରିଖ ଦିନ ଭୋଟ୍ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ।

# ଅଶ୍ୱିନୀ ବୈଷ୍ଣବ-ବୁଲେଟ ଟ୍ରେନ୍

ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ କହିଛନ୍ତି ଭାରତର ବୁଲେଟ ଟ୍ରେନ୍‌କୁ କେବଳ ପରିବହନ ପଦକ୍ଷେପ ଭାବରେ ନୁହଁ ବରଂ ଅର୍ଥନୈତିକ ଏକୀକରଣ ପାଇଁ

ଏକ ଇଞ୍ଜିନ ଭାବେ ଗ୍ରହଣ କରାଯିବା ଉଚିତ୍ । ମହାରାଷ୍ଟ୍ରର ଥାନେଠାରେ ବୁଲେଟ୍ ଟ୍ରେନ୍ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ପରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଏହା କହିଛନ୍ତି । ସେ କହିଛନ୍ତି ଏହି ପ୍ରକଳ୍ପର କାର୍ଯ୍ୟ ଠିକ୍ ଭାବେ ଚାଲିଛି । ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ମୁମ୍ବାଇ, ଥାନେ, ସୁରତ ଏବଂ ଅହମ୍ମଦାବାଦ ଭଳି ସହରରେ ଅର୍ଥନୈତିକ ଗତିବିଧିରେ ଉଲ୍ଲେଖନୀୟ ବୃଦ୍ଧି ଘଟିବ । ରେଳ ସଂଯୋଗକୁ ଏହା ସୁଦୃଢ଼ କରିବା ସହ ବ୍ୟବସାୟ ସୁଯୋଗ ବୃଦ୍ଧି କରିବ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି । ସେହିପରି ମୁମ୍ବାଇ-ଅହମ୍ମଦାବାଦ ବୁଲେଟ ଟ୍ରେନ୍ ପ୍ରକଳ୍ପର ୨୧ କିଲୋମିଟର ଭୂତଳ ଓ ସମୁଦ୍ରତଳ ସୁଡଙ୍ଗ ନିର୍ମାଣ କାର୍ଯ୍ୟକୁ ମନ୍ତ୍ରୀ ଶ୍ରୀ ବୈଷ୍ଣବ ସମୀକ୍ଷା କରିଛନ୍ତି ।

## ସିଙ୍ଗାପୁର ରାଷ୍ଟ୍ରପତି

ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ୨୦୩୬ ବିକଶିତ ଓଡ଼ିଶା ଗଠନ ଦିଗରେ ସୁଦୃଢ଼ ଭିତ୍ତିଭୂମି ପ୍ରଦାନ କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ରାଷ୍ଟ୍ରପତି ଥରମନ୍ ସନମୁଗ ରତନମଙ୍କ ଓଡ଼ିଶା

ଗସ୍ତ ଏକ ଐତିହାସିକ ଘଟଣା ବୋଲି ସେ ବର୍ଣ୍ଣନା କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନଠାରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ ଅବସରରେ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ମାଝି କହିଛନ୍ତି ବିଭିନ୍ନ କ୍ଷେତ୍ରରେ ସିଙ୍ଗାପୁର ସହିତ ୮ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହାଦ୍ୱାରା ଓଡ଼ିଶାରେ ଶିଳ୍ପ କ୍ଷେତ୍ର ଅଧିକ ପରିସ୍ଫୁଟ ହୋଇପାରିବ । ସୂଚନାଯୋଗ୍ୟ ଦୁଇଦିନିଆ ଓଡ଼ିଶାଗସ୍ତ ଶେଷ କରି ସିଙ୍ଗାପୁର ରାଷ୍ଟ୍ରପତି ଶ୍ରୀ ସନମୁଗ ରତନମ ଗତକାଲି ଭୁବନେଶ୍ୱରରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଏବଂ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ ।

## ଇରାନ୍ ଗୁଳିକାଣ୍ଡ

ଇରାନ୍‌ର ତେହରାନ ସୁପ୍ରିମକୋର୍ଟ ଭବନ ପରିସରରେ ହୋଇଥିବା ଗୁଳିକାଣ୍ଡରେ ୨ଜଣ ବିଚାରପତିଙ୍କର ମୃତ୍ୟୁ ହୋଇଛି । ସରକାରୀ ଗଣମାଧ୍ୟମ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତକାଲି ସୁପ୍ରିମକୋର୍ଟର ୩ଜଣ ବିଚାରପତିଙ୍କୁ ଲକ୍ଷ୍ୟରେ ରଖି ଏହି ଗୁଳିକାଣ୍ଡ ହୋଇଥିଲା ।

ଘଟଣାସ୍ଥଳରେ ୨ଜଣ ବିଚାରପତିଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ବିଚାରପତି ଆହତ ହୋଇଛନ୍ତି । ଗୁଳିକାଣ୍ଡ ପରେ ଆକ୍ରମଣକାରୀ ଆତ୍ମହତ୍ୟା କରିଛନ୍ତି । ପ୍ରାଥମିକ ତଦନ୍ତରୁ ମିଳିଥିବା ସୂଚନା ଅନୁଯାୟୀ ସୁପ୍ରିମକୋର୍ଟର ଆକ୍ରମଣକାରୀଙ୍କ ବିରୁଦ୍ଧରେ କୌଣସି ମାମଲା ବିଚାରାଧୀନ ନଥିଲା । ତେବେ ଆକ୍ରମଣର ଉଦ୍ଦେଶ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ ବୋଲି ଗଣମାଧ୍ୟମ ସୂତ୍ରରୁ ଜଣାପଡିଛି ।

## ରୁଷ୍ ଆକ୍ରମଣ

ୟୁକ୍ରେନ୍‌ର କିଭ୍ ଉପରେ ରୁଷିଆର ଆକାଶମାର୍ଗରୁ ଆକ୍ରମଣରେ ୩ଜଣଙ୍କର ମୃତ୍ୟୁ ହୋଇଛି । ୟୁକ୍ରେନ୍ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଆକ୍ରମଣରେ ଗୋଟିଏ ମେଟ୍ରୋ ଷ୍ଟେସନ ଏବଂ ପାଣି ସଂଯୋଗ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଛି । ରୁଷ୍ ସେନା ପକ୍ଷରୁ ଡ୍ରୋନ୍ ଏବଂ ପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ କରାଯାଇଥିଲା । ୟୁକ୍ରେନ୍‌ର ବିଭିନ୍ନ ସ୍ଥାନରେ ରୁଷିଆ ପକ୍ଷରୁ କରାଯାଇଥିବା ଅଣଚାଳିଶଟି ଡ୍ରୋନ୍ ଆକ୍ରମଣ ମଧ୍ୟରୁ ୨୪ଟି ଏବଂ ୪ଟି କ୍ଷେପଣାସ୍ତ୍ର ମଧ୍ୟରୁ ୨ଟିକୁ ନଷ୍ଟ

କରିଦିଆଯାଇଥିଲା ବୋଲି ୟୁକ୍ରେନ୍‌ର ଅଧିକାରୀ ସୂଚନା ଦେଇଛନ୍ତି । ଦକ୍ଷିଣପୂର୍ବ ଜାପୋରିଝିଆ ଅଞ୍ଚଳରେ ମଧ୍ୟ ରୁଷ୍ ପକ୍ଷରୁ ଆକ୍ରମଣ ହୋଇଥିବା ନେଇ ସେ ସୂଚନା ଦେଇଛନ୍ତି । ତେବେ ଏହି ଆକ୍ରମଣ ନେଇ ରୁଷିଆ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇନାହିଁ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ 'ସଡ଼କ ନିରାପତ୍ତା ସୁନିଶ୍ଚିତତା' ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ମହମୁଦ ଅହମ୍ମଦ ଏବଂ ପରିବହନ ବିଶେଷଜ୍ଞ ଅନିଲ ଛିକାରା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ

ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ଏନ୍‌ଆଇଏକ୍ସଆଇ-ଇଣ୍ଟର୍ନସିପ୍

ଇଣ୍ଟରନେଟ୍ ଗଭର୍ଣ୍ଣାନ୍ସ ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ ଯୋଜନା ଆରମ୍ଭ କରାଯିବ ବୋଲି ନ୍ୟାସନାଲ ଇଣ୍ଟରନେଟ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ-ଏନ୍‌ଆଇଏକ୍ସଆଇ ଘୋଷଣା କରିଛି । ଏହି ଯୋଜନା ଅଧୀନରେ ଦ୍ୱିବାର୍ଷିକ ପ୍ରଶିକ୍ଷଣ ପ୍ରଦାନର ବ୍ୟବସ୍ଥା ହୋଇଛି । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂନା ଅନୁଯାୟୀ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ବିଶେଷଜ୍ଞ ଏବଂ ଉଚ୍ଚମାନ୍ୟତା ପ୍ରାପ୍ତ ଅବସରପ୍ରାପ୍ତ ସରକାରୀ ଅଧିକାରୀ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ କରିବେ । ପ୍ରଶିକ୍ଷଣ ସମୟରେ ବାଧ୍ୟତାମୂଳକ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ପରିଚାଳନା ପାଇଁ ପ୍ରଶିକ୍ଷାର୍ଥୀଙ୍କୁ ମାସିକ ୨୦ହଜାର ଟଙ୍କାର ଷ୍ଟାଇପେଣ୍ଡ ପ୍ରଦାନର ବ୍ୟବସ୍ଥା ମଧ୍ୟ ରହିଛି । ଇଚ୍ଛୁକ ପ୍ରାର୍ଥୀ ଏନ୍‌ଆଇଏକ୍ସଆଇର ଅଫିସିଆଲ ୱେବ୍‌ସାଇଟ୍ ଜରିଆରେ ଏଥିପାଇଁ ଆବେଦନ କରିପାରିବେ ବୋଲି ମନ୍ତ୍ରଣାଳୟ କହିଛି ।

## ଖୋଖୋ

ଖୋଖୋ ବିଶ୍ୱକପ୍ ପ୍ରତିଯୋଗିତାରେ ଭାରତ ଉଭୟ ପୁରଷ ଏବଂ ମହିଳା ବର୍ଗରେ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ନୂଆଦିଲ୍ଲୀର ଇନ୍ଦିରାଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମଠାରେ ଚାଲିଥିବା ଏହି ପ୍ରଥମ ସଂସ୍କରଣରେ ଭାରତୀୟ ପୁରୁଷ ଦଳ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୬୦-୪୨ ପଏଣ୍ଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ଅନ୍ୟପକ୍ଷରେ ପ୍ରଥମ ସେମିଫାଇନାଲରେ ନେପାଳ' ଇରାନ୍‌କୁ ୭୨-୨୦ ପଏଣ୍ଟରେ ପରାସ୍ତ କରି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା । ଆଜି ଭାରତ ଏବଂ ନେପାଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ ।

ସେହିପରି ମହିଳା ବର୍ଗରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଭାରତ' ଦକ୍ଷିଣ ଆଫ୍ରିକାକୁ ୬୬-୧୬ ପଏଣ୍ଟରେ ପରାସ୍ତ କରି ଫାଇନାଲରେ

ପହଞ୍ଚିଛି । ଏହିବର୍ଗର ପ୍ରଥମ ସେମିଫାଇନାଲରେ ନେପାଳ' ଉଗାଣ୍ଡାକୁ ୮୯-୧୮ ପଏଣ୍ଟରେ ପରାସ୍ତ କରି ଫାଇନାଲରେ ପହଞ୍ଚିଛି । ଆଜି ଫାଇନାଲରେ ଭାରତୀୟ ଦଳ ନେପାଳକୁ ଭେଟିବ ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ହାଇଦ୍ରାବାଦ୍ ତୋଫାନ୍ସ ଏବଂ ୟୁପି ରୁଦ୍ରାସ ବିଜୟୀ ହୋଇଛନ୍ତି । ରାଞ୍ଚିର ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମ୍‌ଠାରେ  ଅନୁଷ୍ଠିତ ମ୍ୟାଚ୍‌ରେ ହାଇଦ୍ରାବାଦ୍ ତୋଫାନ୍ସ' ତାମିଲନାଡୁ ଡ୍ରାଗନ୍ସକୁ ୪-୦ ଗୋଲ୍‌ରେ ପରାସ୍ତ କରିଛି । ଦ୍ୱିତୀୟ ମ୍ୟାଚ୍‌ରେ ୟୁପି ରୁଦ୍ରାସ' ଗୋନାସିକା ଦଳକୁ ୧-୦ ଗୋଲ୍‌ରେ ପରାସ୍ତ କିରଛି ।

ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ପ୍ରଥମ ମ୍ୟାଚରେ ସଂଧ୍ୟା ୬ଟାରେ ସୁରମା ହକି କ୍ଲବ ଏବଂ ସ୍ରାଚିରାହ ବେଙ୍ଗଲ ଟାଇଗର୍ସ ପରସ୍ପରକୁ ଭେଟିବେ । ରାତି ୮ଟା ୧୫ ମିନିଟ୍‌ରେ ଦ୍ୱିତୀୟ ମ୍ୟାଚ୍‌ରେ କଳିଙ୍ଗ ଲାନ୍ସର୍ସ ଏବଂ ଏସ୍‌ଜି ପାଇପର୍ସ ମଧ୍ୟରେ ମୁକାବିଲା ହେବ ।

ଅନ୍ୟପକ୍ଷରେ ମହିଳା ବର୍ଗରେ ସ୍ରାଚିରାହ ବେଙ୍ଗଲ ଟାଇଗର୍ସ ଏବଂ ଓଡ଼ିଶା ମଧ୍ୟରେ ମ୍ୟାଚ୍ ଖେଳାଯିବ ।

## ବ୍ୟାଡମିଣ୍ଟନ

ଇଣ୍ଡିଆ ଓପନ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତର ଅଭିଯାନ ଶେଷ ହୋଇଛି । ମିଳିତ ପୁରୁଷ ବର୍ଗର ଗତକାଲିର ସେମିଫାଇନାଲ ମ୍ୟାଚ୍‌ରେ ଭାରତୀୟ ଯୋଡ଼ି ଚିରାଗ ସେଟ୍ଟୀ ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ପରାସ୍ତ ହୋଇଛନ୍ତି । ମାଲେସିଆ ଯୋଡ଼ି ନୁର୍ ଇଜୁଦ୍ଦିନ ଏବଂ ଗୋହ ସେଫେଇଙ୍କ ଯୋଡ଼ି ଠାରୁ ଭାରତ ୨୧-୧୮ ଏବଂ ୨୧-୧୪ ପଏଣ୍ଟରେ ହାରିଯାଇଛି ।

ଅନ୍ୟପକ୍ଷରେ କ୍ୱାର୍ଟରଫାଇନାଲ ପର୍ଯ୍ୟାୟରେ ପି.ଭି.ସିନ୍ଧୁ ଏବଂ କିରଣ ଜର୍ଜ୍‌ଙ୍କ ଯୋଡ଼ି ପରାସ୍ତ ହୋଇଥିଲେ ।